# NATIONAL NEWS BULLETIN (ODIA)
## 24th January - 2026
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମହେନ୍ଦ୍ର କୁମାର ମାଝୀ**

## ମୁଖ୍ୟ ସମ୍ବାଦ

- ୭୭ତମ ଗଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଆସନ୍ତାକାଲି ଜାତି ଉଦ୍ଦେଶ୍ୟରେ ସମ୍ବୋଧନ କରିବେ ରାଷ୍ଟ୍ରପତି ।
- ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ।
- ଭାରତକୁ ସରକାରୀ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଲେ ୟୁରୋପୀୟ କମିଶନ୍‌ର ଅଧ୍ୟକ୍ଷ ।
- ଇଣ୍ଡୋନେସିଆର ଜାଭା ପ୍ରଦେଶରେ ଭୂସ୍ଖଳନ ଯୋଗୁଁ ୭ ଜଣଙ୍କର ମୃତ୍ୟୁ; ୮୨ ନିଖୋଜ ।

ଏବଂ

- ୧୯ ବର୍ଷରୁ କମ୍ ପୁରୁଷ ବର୍ଗ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଆଜିର ମ୍ୟାଚ୍‌ରେ ଭାରତ ସମ୍ମୁଖରେ ୧୩୬ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କଲା ନ୍ୟୁଜିଲାଣ୍ଡ ।

## ପ୍ରେଜ୍ - ଆଡ୍ରେସ୍ ଟୁ ନେସନ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୭୭ତମ ଗଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଆସନ୍ତାକାଲି ଜାତି ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେବେ । ଏହି ବାର୍ତ୍ତା ଆସନ୍ତାକାଲି ସନ୍ଧ୍ୟା ୭ଟାରେ ସମସ୍ତ ଆକାଶବାଣୀର ସମସ୍ତ ଜାତୀୟ ନେଟ୍‌ୱାର୍କ ଏବଂ ଦୂରଦର୍ଶନ ଚ୍ୟାନେଲ୍‌ରେ ପ୍ରସାରିତ ହେବ । ରାଷ୍ଟ୍ରପତିଙ୍କ ଏହି ଅଭିଭାଷଣ ହିନ୍ଦୀ ଏବଂ ପରେ ପରେ ଇଂରାଜୀ ଭାଷାରେ ପ୍ରସାରିତ ହେବ । ଦୂରଦର୍ଶନର ବିଭିନ୍ନ ଆଞ୍ଚଳିକ ଚ୍ୟାନେଲ୍‌ରେ ସ୍ଥାନୀୟ ଭାଷାରେ ଏହାର ପ୍ରସାରଣ କରାଯିବ । ଆକାଶବାଣୀରେ ରାତି ୯ଟା ୩୦ ମିନିଟ୍ ପରେ ଏହାର ଅନୁବାଦ ଆଞ୍ଚଳିକ ଭାଷାରେ ପ୍ରସାରିତ ହେବ ।

## ମନ୍ କୀ ବାତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ

ବିନିମୟ କରିବେ। ଏହା ହେବ ମନ୍ କୀ ବାତ୍‌ର ୧୩୦ତମ ସଂସ୍କରଣ । ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ। ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

## ଇ.ୟୁ. - ଉର୍ସୁଲା

ୟୁରୋପୀୟ କମିଶନ୍‌ର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର ଲେୟେନ ଭାରତକୁ ସରକାରୀ ଗସ୍ତରେ ଆସି ଆଜି ଅପରାହ୍ଣରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟଶ୍ୱାଲ୍ କହିଛନ୍ତି, ତାଙ୍କ ଗସ୍ତ ଭାରତ-ୟୁରୋପୀୟ ସଂଘ ରଣନୈତିକ ସହଭାଗିତାକୁ ଅଧିକ ସୁଦୃଢ଼ କରିବ । ପାରସ୍ପରିକ ବିଶ୍ୱାସ ଏବଂ ମୂଲ୍ୟବୋଧ ଉପରେ ଦୁଇପକ୍ଷ ମଧ୍ୟରେ ସମ୍ପର୍କ ସୁଦୃଢ଼ ରହିଥିବା ଶ୍ରୀ ଜୟଶ୍ୱାଲ୍ କହିଛନ୍ତି । ଆସନ୍ତା ସୋମବାର ସାଧାରଣତନ୍ତ୍ର ଦିବସ ସମାରୋହରେ

ଉର୍ସୁଲାଙ୍କ ସହ ୟୁରୋପୀୟ ପରିଷଦର ସଭାପତି ଆଣ୍ଟୋନିଓ ଲୁଇସ୍ ସାଣ୍ଟୋସ୍ ଦା କୋଷ୍ଟାଙ୍କ ସହିତ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଆସନ୍ତା ମଙ୍ଗଳବାର ଦିନ ଆୟୋଜିତ ହେବାକୁ ଥିବା ଷୋଡ଼ଶ ଭାରତୀୟ-ୟୁରୋପୀୟ ସଂଘ ଶିଖର ସମ୍ମିଳନୀରେ ସେମାନେ ସହ-ଅଧ୍ୟକ୍ଷତା କରିବାର କାର୍ଯ୍ୟସୂଚୀ ରହିଛି ।

## ନ୍ୟାସନାଲ୍ ଗାର୍ଲସ ଚାଇଲ୍ଡ ଡେ

ସମାଜରେ ଲିଙ୍ଗଗତ ଅସମାନତାକୁ ଦୂର କରିବା ଲକ୍ଷ୍ୟ ନେଇ ଆଜି ଦେଶବ୍ୟାପୀ ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ କରାଯାଉଛି । କନ୍ୟା ସନ୍ତାନଙ୍କର ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟ ଏବଂ ବିକାଶ ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ୨୦୧୫ ଜାନୁଆରୀ ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କନ୍ୟା ସନ୍ତାନଙ୍କ ଅଧିକାର ଏବଂ ସଶକ୍ତ କରିବା ଲକ୍ଷ୍ୟ ନେଇ ବେଟି ବଚାଓ ବେଟି ପଢ଼ାଓ ଅଭିଯାନର ଶୁଭାରମ୍ଭ କରିଥିଲେ । ୨୦୦୮ ମସିହାରୁ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଏହି ଦିବସ ପାଳିତ ହୋଇଆସୁଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି’ ସମାଜରେ କନ୍ୟାସନ୍ତାନଙ୍କ ସମ୍ମାନରକ୍ଷାକୁ ସୁନିଶ୍ଚିତ କରିବା ଏବଂ ସେମାନଙ୍କ ମଧ୍ୟରେ ଆଶା ଓ ସୁଯୋଗ ନେଇ

ଆତ୍ମବିଶ୍ୱାସ ସୃଷ୍ଟି କରିବା ଲକ୍ଷ୍ୟରେ ସରକାର ପ୍ରତିବଦ୍ଧ ବୋଲି କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦି କହିଛନ୍ତି, ଗତ ଦଶନ୍ଧି ଧରି କନ୍ୟା ସନ୍ତାନଙ୍କର ଶିକ୍ଷା, ଦକ୍ଷତା ବିକାଶ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ପାଇଁ ସରକାର ପ୍ରାଥମିକତା ପ୍ରଦାନ କରିଆସୁଛନ୍ତି ।

## ପଞ୍ଚାୟତିରାଜ ସ୍ପେଶାଲ୍ ଗେଷ୍ଟସ୍

ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତାକାଲି ନୂଆଦିଲ୍ଲୀରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କୁ ସମ୍ମାନିତ କରାଯିବ । ସାଧାରଣତନ୍ତ୍ର ଦିବସ ସମାରୋହରେ ଯୋଗଦେବାପାଇଁ ଏହି ପ୍ରତିନିଧିମାନଙ୍କୁ ସ୍ୱତନ୍ତ୍ର ଅତିଥି ଭାବେ ନିମନ୍ତ୍ରଣ କରାଯାଇଛି । ସେଥିମଧ୍ୟରେ ୨୪୦ ଜଣ ସରପଞ୍ଚ, ମୁଖିଆ, ଗ୍ରାମ ପ୍ରଧାନ ଏବଂ ବ୍ଲକ୍ ଓ ଜିଲ୍ଲା ପଞ୍ଚାୟତ ଅଧ୍ୟକ୍ଷ ରହିଛନ୍ତି । ସରକାରୀ କାର୍ଯ୍ୟକ୍ରମଗୁଡ଼ିକୁ ସମ୍ପୂର୍ଣ୍ଣଭାବେ ସଫଳତାର ସହ କାର୍ଯ୍ୟାନ୍ୱୟନ କରିଥିବା ନିର୍ବାଚିତ ପ୍ରତିନିଧିଙ୍କୁ ଏଥିପାଇଁ ମନୋନୀତ କରାଯାଇଛି । ଏହି ଅବସରରେ ୟୁନିସେଫ୍ ସହଯୋଗରେ ପଞ୍ଚାୟତିରାଜ ମନ୍ତ୍ରଣାଳୟଦ୍ୱାରା ବିକଶିତ ପଞ୍ଚମ ଚାଟ୍‌ବଟର ଉନ୍ମୋଚନ କରାଯିବ । ପଞ୍ଚାୟତ ପ୍ରତିନିଧି, ଅଧିକାରୀ ଏବଂ ନାଗରିକଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନ ତଥା ସମୟୋଚିତ ପଦକ୍ଷେପ ପାଇଁ ଏହି ଚାଟ୍‌ବଟ୍ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ମନ୍ତ୍ରଣାଳୟ କହିଛି ।

## ଇଣ୍ଡୋନେସିଆ ଲ୍ୟାଣ୍ଡସ୍ଲାଇଡ୍

ମୁଷଳଧାରାରେ ବର୍ଷା ହେବା ଫଳରେ ଇଣ୍ଡୋନେସିଆର ପଶ୍ଚିମ ଜାଭା ପ୍ରଦେଶରେ ଭୂସ୍ଖଳନ ଘଟି ୭ ଜଣ ଲୋକ ପ୍ରାଣ ହରାଇଥିବାବେଳେ ୮୨ ଜଣ ନିଖୋଜ ଥିବା ଜଣାପଡ଼ିଛି । ଜାତୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା କହିଛି, ଏହି ଦୁର୍ଘଟଣା ପଶ୍ଚିମା ବାନ୍ଦୁଙ୍ଗ୍ ଅଞ୍ଚଳରେ ଘଟିଛି । ପଶ୍ଚିମ ଜାଭା ପ୍ରଦେଶରେ ଏକ ସପ୍ତାହ ପର୍ଯ୍ୟନ୍ତ କୌଣସି ନକାରାତ୍ମକ ପାଣିପାଗ ସୂଚନା ନ ଦେବାକୁ ଜାତୀୟ ପାଣିପାଗ ସଂସ୍ଥା ସତର୍କ ସୂଚନା ଜାରି କରି କହିଛି ।

## ଏଚ୍.ପି. - ସ୍ନୋଫଲ୍

ହିମାଚଳ ପ୍ରଦେଶରେ ପ୍ରବଳ ତୁଷାରପାତ ହେବା ଫଳରେ ରାଜ୍ୟରେ ୧ ହଜାର ୨୯୧ଟି ସଡ଼କ ପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଛି । ପୂର୍ତ୍ତ ବିଭାଗର ୩୮୫ରୁ ଊର୍ଦ୍ଧ୍ୱ ଯନ୍ତ୍ରପାତିକୁ ରାସ୍ତା ମରାମତି ଏବଂ ଯାତାୟତ ସୁଗମ କରିବା ନିମନ୍ତେ କାର୍ଯ୍ୟରେ ନିୟୋଜିତ କରାଯାଇଛି । ପୂର୍ତ୍ତମନ୍ତ୍ରୀ ବିକ୍ରମାଦିତ୍ୟ ସିଂହ କହିଛନ୍ତି, ତୁଷାରପାତ ସମ୍ପର୍କିତ ପୂର୍ବ ସୂଚନାକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧିକାରୀମାନଙ୍କର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଉଚ୍ଚସ୍ଥାନଗୁଡ଼ିକରେ ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ମନ୍ତ୍ରୀ ଶ୍ରୀ ସିଂହ ଏଥିରେ ଭୟଭୀତ ନ ହୋଇ ଅଯଥା ଯାତ୍ରାରୁ ବିରତ ରହିବାକୁ ପର୍ଯ୍ୟଟକମାନଙ୍କୁ ପରାମର୍ଶ ଦେଇଛନ୍ତି । ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି କାର୍ଯ୍ୟ ଜାରି ରହିଛି ।

## ରିଜିଜୁ - ବୁଦ୍ଧିଷ୍ଟ ସମ୍ମିଟ୍

କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ଭଗବାନ୍ ବୁଦ୍ଧଙ୍କ ବାଣୀ ବିଶ୍ୱବାସୀଙ୍କୁ ସମ୍ପ୍ରୀତି ଏବଂ ସହାବସ୍ଥାନର ଆଲୋକ ଦେଖାଇବ । ନୂଆଦିଲ୍ଲୀରେ ଆୟୋଜିତ ଦ୍ୱିତୀୟ ବିଶ୍ୱ ବୌଦ୍ଧ ସମ୍ମିଳନୀ-୨୦୨୬ ଅବସରରେ ମନ୍ତ୍ରୀ ଏହା କହିଛନ୍ତି । ମଣିଷ ଅନ୍ତଃକରଣରେ ସର୍ବଶ୍ରେଷ୍ଠ ହେବାକୁ ହେଲେ ବୁଦ୍ଧଙ୍କ ପ୍ରଦର୍ଶିତ ମାର୍ଗ ଅନୁସରଣ କରିବା ଉଚିତ । ଏହା ସମସ୍ତଙ୍କୁ ଏକତା ଏବଂ ସମୃଦ୍ଧ କରି ଗଢ଼ିତୋଳିବ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରଙ୍କ ପ୍ରଚେଷ୍ଟାରେ ବୁଦ୍ଧଙ୍କ ଜ୍ଞାନ ଏବଂ ନୀତିବାଣୀକୁ ସମସ୍ତଙ୍କ ପାଖରେ ପହଞ୍ଚାଇବାର ବାର୍ତ୍ତା ଥିବା ଶ୍ରୀ ରିଜିଜୁ କହିଛନ୍ତି । ଏହି ସମ୍ମିଳନୀ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଏବଂ ଅନ୍ତର୍ଜାତୀୟ ବୌଦ୍ଧ ମହାସଂଘର ମିଳିତ

ସହଯୋଗରେ ଆୟୋଜିତ ହୋଇଛି । ଚଳିତ ବର୍ଷ ଏହାର ବାର୍ତ୍ତା ରହିଛି "ସମ୍ମିଳିତ ଜ୍ଞାନ, ଐକ୍ୟବଦ୍ଧ ସ୍ୱର ଏବଂ ପାରସ୍ପରିକ ସହାବସ୍ଥାନ" ।

## ଇ.ସି.ଆଇ. - ଭୋଟର୍ସ ଡେ

ନିର୍ବାଚନ ଆୟୋଗ ଆସନ୍ତାକାଲି ନୂଆଦିଲ୍ଲୀରେ ଷୋଡ଼ଶ ଜାତୀୟ ମତଦାତା ଦିବସ ପାଳନ କରିବ । ଏହି ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗଦେବେ । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି "ମୋ ଭାରତ, ମୋ ଭୋଟ୍ : ଭାରତୀୟ ଗଣତନ୍ତ୍ର ହୃଦୟରେ ନାଗରିକ" । ସମାରୋହରେ ନୂତନ ଭାବେ ଯୋଡ଼ା ହୋଇଥିବା ଯୁବ ଭୋଟରଙ୍କୁ ମତଦାତା ଫଟୋ ପରିଚୟ ପତ୍ର ପ୍ରଦାନ କରାଯିବ । ନିର୍ବାଚନ ପରିଚାଳନା ସଂକ୍ରାନ୍ତ ସର୍ବୋତ୍ତମ ପ୍ରଦର୍ଶନକାରୀଙ୍କୁ ବିଭିନ୍ନ ବର୍ଗରେ ପୁରସ୍କାର ପ୍ରଦାନ କରାଯିବ । ପ୍ରଯୁକ୍ତିବିଦ୍ୟା, ନିର୍ବାଚନ ପରିଚାଳନା, ମତଦାତା ସଚେତନତା ସୃଷ୍ଟି କରିବା ଏବଂ ଗଣମାଧ୍ୟମର ବିଶେଷ ଭୂମିକା ଆଦି ବିଷୟ ଅନ୍ତର୍ଗତ ଏହି ପୁରସ୍କାର ପ୍ରଦାନ କରାଯିବ । ସମାରୋହରେ କେନ୍ଦ୍ର ଆଇନ ଓ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନରାମ ମେଘୱାଲ ଉପସ୍ଥିତ ରହିବେ । ଏଥିରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ସମେତ ଅନ୍ୟ ଦୁଇ ନିର୍ବାଚନ ଆୟୁକ୍ତ ଡକ୍ଟର ସୁଖବୀର ସିଂହ ସାନ୍ଧୁ ଏବଂ ଡକ୍ଟର ବିବେକ ଯୋଶୀ ଯୋଗଦେବେ ।

# ବାଂଲାଦେଶ ଇଲେକ୍ସନ କ୍ୟାମ୍ପେନ୍

ବାଂଲାଦେଶରେ ଜାତୀୟ ସଂସଦପାଇଁ ନିର୍ବାଚନ ପ୍ରଚାର କ୍ରମଶଃ ଜୋର୍ ଧରୁଛି । ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବି.ଏନ୍.ପି.) ଏବଂ ଜମାତ୍-ଇ-ଇସ୍ଲାମୀ ପ୍ରମୁଖ ଦଳ ଭାବେ ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଗତ ୨୨ ତାରିଖରୁ ଆରମ୍ଭ ହୋଇଥିବା ନିର୍ବାଚନ ପ୍ରଚାରରେ ବି.ଏନ୍.ପି. ଏବଂ ଜମାତ୍ ନେତୃତ୍ୱାଧୀନ ୧୦ଟି ଦଳୀୟ ମେଣ୍ଟ ବିଭିନ୍ନ ସ୍ଥାନରେ ଆୟୋଜିତ ଜନସମାବେଶକୁ ସମ୍ବୋଧନ କରି ନିଜ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି । ଆୱାମୀ ଲିଗ୍ ଚଳିତ ନିର୍ବାଚନରେ ଅନୁପସ୍ଥିତ ରହିଛି । ଆସନ୍ତାମାସ ୧୨ ତାରିଖରେ ବାଂଲାଦେଶରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ ।

ଆୱାମୀ ଲିଗ୍ ଦଳୀୟ କର୍ମୀଙ୍କୁ ସମ୍ବୋଧନ କରି ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ୍ଙ୍କ କାର୍ଯ୍ୟକଳାପକୁ ନିନ୍ଦା କରିବା ସହ ଗଣତନ୍ତ୍ରକୁ ଦୁର୍ବଳ କରୁଥିବା ନେଇ ଅଭିଯୋଗ କରିଛନ୍ତି । ସେ କହିଛନ୍ତି, ଶ୍ରୀ ୟୁନୁସ୍ଙ୍କ ପଦକ୍ଷେପଦ୍ୱାରା ଲକ୍ଷାଧିକ ଭୋଟର୍ ସେମାନଙ୍କ ଅଧିକାରରୁ ବଞ୍ଚିତ ହୋଇଛନ୍ତି । ଫଳରେ ନିର୍ବାଚନ ପ୍ରକ୍ରିୟାର ବିଶ୍ୱସନୀୟତାରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ବୋଲି ସେ କହିଛନ୍ତି । ଆୱାମୀ ଲିଗ୍ର ଉପସ୍ଥିତି ବିନା ନିର୍ବାଚନ ମୁକ୍ତ କିମ୍ବା ବୈଧ ନୁହେଁ ବୋଲି ଶ୍ରୀମତୀ ହାସିନା କହିଛନ୍ତି । ପରାଜୟ ଭୟରେ ମଧ୍ୟବର୍ତ୍ତୀକାଳୀନ

ସରକାର ଆୱାମୀ ଲିଗ୍‌କୁ ନିର୍ବାଚନରୁ ନିଲମ୍ବନ କରିଛନ୍ତି ବୋଲି ସେ କହିଛନ୍ତି । ବାଂଲାଦେଶରେ ବୃଦ୍ଧିପାଉଥିବା ରାଜନୈତିକ ହିଂସା ଏବଂ ସଂଖ୍ୟାଲଘୁଙ୍କ ସୁରକ୍ଷା ନେଇ ଶ୍ରୀମତୀ ହାସିନା ଚିନ୍ତା ପ୍ରକଟ କରିବା ସହ ଦେଶର ଦୁଇଟି ପ୍ରମୁଖ ରାଜନୈତିକ ଦଳ ମଧ୍ୟରୁ ଗୋଟିକ ବିନା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି ବୋଲି କହିଛନ୍ତି ।

## କ୍ରିକେଟ୍ - ଯୁ୧୯ ୱାର୍ଲ୍ଡ କପ୍

୧୯ ବର୍ଷରୁ କମ୍ ପୁରୁଷ ବର୍ଗ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜିର ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଭାରତ ସମ୍ମୁଖରେ ୧୩୬ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି । ଜିମ୍ବାୱେର ବୁଲାୱାୟୋଠାରେ ଚାଲିଥିବା ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି । ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌କୁ ୩୭ ଓଭର୍‌ରେ ସୀମିତ ରଖାଯାଇଛି । ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୩୬ ଓଭର ୨ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୩୫ ରନ୍ ସଂଗ୍ରହ କରିଛି । ସମ୍ବାଦ ପ୍ରସ୍ତୁତ ହେବାବେଳକୁ ଭାରତ ୯ ଓଭର୍‌ରେ ୨ ୱିକେଟ୍ ବିନିମୟରେ ୮୯ ରନ୍ ସଂଗ୍ରହ କରିଛି ।

ଗ୍ରୁପ୍ ବି'ର ଏହି ଶେଷପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ବିଜୟ ହାସଲ କରି ସୁପର୍ ସିକ୍ସ ପର୍ଯ୍ୟାୟକୁ ଉନ୍ନୀତ ହେବାକୁ ଲକ୍ଷ୍ୟ ରଖିଛି । ପୂର୍ବରୁ ଆମେରିକା ଏବଂ ବାଂଲାଦେଶକୁ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ପରାସ୍ତ କରିଥିଲା ।

## ଅଷ୍ଟ୍ରେଲିଆନ୍ ଓପନ୍

ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍ ପ୍ରତିଯୋଗିତାର ପୁରୁଷ ଡବଲ୍‌ସ୍ ବର୍ଗରେ ଭାରତର ୟୁକି ଭାମ୍ବ୍ରି ଏବଂ ସ୍ୱିଡିସ୍ ସାଥୀ ଖେଳାଳି ଆଣ୍ଡ୍ରେ ଗୋରାନ୍‌ସନ୍ ରାଉଣ୍ଡ ଅଫ୍ ସିକ୍ସିଟିନ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଏହି ଯୋଡ଼ି ମେକ୍ସିକୋ ଓ ନେଦରଲାଣ୍ଡ ଯୋଡ଼ିଙ୍କୁ ପରାସ୍ତ କରି ଶେଷ ୧୬ରେ ନିଜ ସ୍ଥାନକୁ ପକ୍କା କରିଛନ୍ତି ।

*****